ପ୍ରମେୟ
THE PRAMEYA
VOLUME 10 • ISSUE 212 ବର୍ଷ ୧୦ • ସଂଖ୍ୟା ୨୧୨
3 DECEMBER 2020 THURSDAY ୩ ଡିସେମ୍ବର ୨୦୨୦ ଗୁରୁବାର
PRINTED AT BHUBANESWAR SAMBALPUR PANIKOILI

# ଆଇଆଇଟି ସମାବର୍ତ୍ତନ ଉତ୍ସବରେ ୪୪୬ଜଣଙ୍କୁ ଡିଗ୍ରୀ ମିଳିବ

## ୩ଜଣଙ୍କୁ ସ୍ୱର୍ଣ୍ଣ ଓ ୧୮ଜଣଙ୍କୁ ରୌପ୍ୟ ପଦକ

## ବିଟେକ୍ ଛାତ୍ର ଆଦିତ୍ୟ ପାଲ୍‌ଙ୍କୁ ରାଷ୍ଟ୍ରପତି ସ୍ୱର୍ଣ୍ଣ ପଦକ

ଭୁବନେଶ୍ୱର,୨।୧୨(ବ୍ୟୁରୋ): ଭାରତୀୟ ପ୍ରଦ୍ୟୋଗିକୀ ସଂସ୍ଥାନ(ଆଇଆଇଟି) ଭୁବନେଶ୍ୱରର ନବମ ସମାବର୍ତ୍ତନ ଉତ୍ସବ ଆସନ୍ତା ୪ ତାରିଖ ଦିନ ୧୦ଟା୫୫ରେ ଅନୁଷ୍ଠିତ ହେବ। ଅରଗୁଳସ୍ଥିତ ସ୍ଥାୟୀ କ୍ୟାମ୍ପସର କମ୍ୟୁନିଟି ସେଣ୍ଟରରେ ହେବାକୁ ଥିବା ଏହି ଉତ୍ସବରେ ୪୪୬ଜଣ ଛାତ୍ରଛାତ୍ରୀଙ୍କୁ ଡିଗ୍ରୀ ପ୍ରଦାନ କରାଯିବ। ୩ଜଣଙ୍କୁ ସ୍ୱର୍ଣ୍ଣ ଓ ୧୮ଜଣଙ୍କୁ ରୌପ୍ୟ ପଦକ ପ୍ରଦାନ କରାଯିବ। ବିଟେକ୍ ଛାତ୍ର ଆଦିତ୍ୟ ପାଲ୍‌ଙ୍କୁ ରାଷ୍ଟ୍ରପତି ସ୍ୱର୍ଣ୍ଣ ପଦକ, ଏମଟେକ୍ ଛାତ୍ର ସଙ୍କେତ ଦେ ଚୌଧୁରୀ ଓ ଏମଏସ୍‌ସି ଛାତ୍ର ସୌଭିକ୍ ଚକ୍ରବର୍ତ୍ତୀଙ୍କୁ ନିର୍ଦ୍ଦେଶକ ସ୍ୱର୍ଣ୍ଣପଦକ ମିଳିବ। ଆଆଇଟି ନିର୍ଦ୍ଦେଶକ ପ୍ରଫେସର ରତ୍ନମ୍ ବରଦା ରାଜକୁମାର ଏକ ସାମ୍ବାଦିକ ସମ୍ମିଳନୀରେ ଏହି ସୂଚନା ଦେଇଛନ୍ତି।

ସମାବର୍ତ୍ତନ ଉତ୍ସବରେ ୩୫ଜଣଙ୍କୁ ପିଏଚଡି, ୧୪୧ଜଣଙ୍କୁ ଏମଟେକ୍, ୭୦ଜଣଙ୍କୁ ଏମଏସସି ଓ ୨ଶହ ଜଣଙ୍କୁ ବିଟେକ୍ ଡିଗ୍ରୀ ପ୍ରଦାନ କରାଯିବ। ତେବେ କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀମାନେ ଉଭୟ ଉପସ୍ଥିତ ହୋଇ ଓ ଅନଲାଇନ୍‌ରେ ଭାଗ ନେବେ। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଡ. ରମେଶ ପୋଖରିଆଲ୍ ନିଶଙ୍କ ଯୋଗ ଦେଇଦୀକ୍ଷାନ୍ତ ଅଭିଭାଷଣ ପ୍ରଦାନ କରିବେ। ଏହା ସହିତ ଷ୍ଟୁଡେଣ୍ଟ ଆକ୍ଟିଭିଟି ସେଣ୍ଟର, ଖେଳ ପଡ଼ିଆ ସମେତ ସ୍କୁଲ ଅଫ୍ ହ୍ୟୁମାନିଟିଜ୍ ଓ ସ୍କୁଲ ଅଫ୍ ସୋସିଆଲ୍ ସାଇନ୍ସ ଆଣ୍ଡ ମ୍ୟାନେଜମେଣ୍ଟର ଉଦ୍‌ଘାଟନ କରିବେ। ସେହିପରି ଏହି ସମାବର୍ତ୍ତନ ଉତ୍ସବରେ ଭାରତ ସରକାରଙ୍କ ଶିକ୍ଷା ମନ୍ତ୍ରୀ(ରାଜ୍ୟ ପାହ୍ୟା) ସଞ୍ଜୟ ଧୋତ୍ରେ ସମ୍ମାନିତ ଅତିଥି ଭାବେ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ଅପରପକ୍ଷେ ଆଇଆଇଟି ଭୁବନେଶ୍ୱର ବୋର୍ଡ଼ ଅଫ୍ ଗଭର୍ଣ୍ଣରର୍ସର ଅଧକ୍ଷ ଡ. ରାଜେନ୍ଦ୍ର ପ୍ରସାଦ ସିଂ ଅନଲାଇନରେ ଯୋଗ ଦେଇ କାର୍ଯ୍ୟକ୍ରମର ଅଧକ୍ଷତା କରିବେ।